# NATIONAL NEWS BULLETIN (ODIA)

**3 August- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ରେଳ ନେଟୱର୍କର ବିକାଶ, ଆଧୁନିକୀକରଣ କ୍ଷେତ୍ରରେ ସରକାରଙ୍କ ପ୍ରତିବଦ୍ଧତାକୁ ଦୋହରାଇଲେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ

- ଆମେରିକାର ଡଲାସରେ ନୂତନ ଦୂତାବାସ ସେବାକେନ୍ଦ୍ର ଆରମ୍ଭ ହେବା ନେଇ ଘୋଷଣା କଲେ ଦୂତାବାସ ମହାନିର୍ଦ୍ଦେଶକ

- ଉତ୍ତରପ୍ରଦେଶର ଗୋଣ୍ଡାରେ ସଡ଼କ ଦୁର୍ଘଟଣାରେ ୧୧ ଜଣଙ୍କର ମୃତ୍ୟୁ

- ଜାପାନର ଓସାକାରେ ୱାର୍ଲ୍ଡ ଏକ୍ସପୋ-୨୦୨୫ରେ ଭାରତ ମଣ୍ଡପକୁ ବୁଲି ଦେଖୁଛନ୍ତି ପରିଦର୍ଶକ

ଏବଂ

- ଆଣ୍ଡରସନ୍-ତେନ୍ଦୁଲକର ଟ୍ରଫିର ପଞ୍ଚମ ଟେଷ୍ଟ ମ୍ୟାଚ୍‌ର ଆଜି ଚତୁର୍ଥ ଦିନରେ ଦ୍ୱିତୀୟ ଇନିଂସ ଜାରି ରଖିବ ଇଂଲଣ୍ଡ

# ଗୁଜୁରାଟ- ଅଶ୍ୱିନୀ ବୈଷ୍ଣବ

କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ଗୁଜୁରାଟର ଭାବନଗର ରେଳଷ୍ଟେସନ୍‌ରୁ ଭାବନଗର-ଅଯୋଧ୍ୟା କ୍ୟାଣ୍ଟ ସାପ୍ତାହିକ ଟ୍ରେନ୍‌କୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି । ମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି, ଗତ ୧୧ ବର୍ଷ ମଧ୍ୟରେ ଦେଶରେ ୩୪ ହଜାର କିଲୋମିଟର ନୂତନ ରେଳ ଟ୍ରାକ୍ ବିଛାଯିବା ସହିତ ଭାରତୀୟ ରେଳ ଏକ ବ୍ୟାପକ ପରିବର୍ତ୍ତନର ସାକ୍ଷୀ ପାଲଟିଛି । ଭାବନଗର ରେଳଷ୍ଟେସନ୍‌ରେ ସମାବେଶକୁ ସମ୍ବୋଧିତ କରି ଶ୍ରୀ ବୈଷ୍ଣବ ରେଳ ନେଟୱାର୍କର ବିକାଶ, ଆଧୁନିକୀକରଣ ଏବଂ ବିସ୍ତାର ଓ ରେଳରେ ସୁରକ୍ଷା ଏବଂ ପରିଷ୍କାର ପରିଚ୍ଛନ୍ନତା ସୁନିଶ୍ଚିତ କରିବା ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ଦୋହରାଛନ୍ତି । ମନ୍ତ୍ରୀ କହିଛନ୍ତି, ଦେଶର ୧ ହଜାର ୩୦୦ ଷ୍ଟେସନ୍‌ର ପୁନଃବିକାଶ ବିଶ୍ୱର ସବୁଠାରୁ ବଡ଼ ଷ୍ଟେସନ୍ ପୁନଃବିକାଶ ପ୍ରକଳ୍ପ ।

**V/O – ASHWINI-VAISHNAV**

ଏହି କାର୍ଯ୍ୟକ୍ରମରେ ଗୁଜୁରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ, ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ ଏବଂ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ, କେନ୍ଦ୍ରମନ୍ତ୍ରୀ ମନସୁଖ ମାଣ୍ଡବୀୟ ପ୍ରମୁଖ ଉପସ୍ଥିତ ଥିଲେ । ଏହି ନୂତନ ଟ୍ରେନ୍‌ଗୁଡ଼ିକ ଗୁଜୁରାଟ, ରାଜସ୍ଥାନ, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ ଏବଂ ମହାରାଷ୍ଟ୍ର ସମେତ ବିଭିନ୍ନ ରାଜ୍ୟକୁ ଲାଭ ପହଁଞ୍ଚାଇବ । ଏହି ଅବସରରେ ରେଳମନ୍ତ୍ରୀ ଗୁଜୁରାଟ ପାଇଁ ଅନେକ ଘୋଷଣା ମଧ୍ୟ କରିଥିଲେ । ଏ ସମ୍ପର୍କରେ ଆମ ସମ୍ବାଦଦାତାଙ୍କ ରିପୋର୍ଟ...

**V/O – APARNA**

# ଇଣ୍ଡିଆ-କନସୁଲାର ଆପ୍ଲିକେଶନ ସେଣ୍ଟର

ହଷ୍ଟନ୍‌ରେ ଥିବା ଭାରତୀୟ ଦୂତାବାସ ମହାନିର୍ଦ୍ଦେଶକ ଆମେରିକାର ଟେକ୍ସାସର ଡଲାସରେ ଏକ ନୂତନ ଭାରତୀୟ  ଦୂତାବାସ ସେବାକେନ୍ଦ୍ର ଆଇ.ସି.ଏ.ସି. ଆରମ୍ଭ କରିବାର ଘୋଷଣା କରିଛନ୍ତି। ଏହି କେନ୍ଦ୍ର ଡଲାସ ଫୋର୍ଟ ଓର୍ଥ ଅଞ୍ଚଳରେ  ବସବାସ କରୁଥିବା ଭାରତୀୟ ସମ୍ପ୍ରଦାୟଙ୍କ ପାଇଁ ଦୂତାବାସ ସେବା ପାଇବା ସହଜ କରିବ। ସେମାନଙ୍କୁ ହଷ୍ଟନ ଯାତ୍ରା କରିବାକୁ ପଡ଼ିବ ନାହିଁ। ଏହି କେନ୍ଦ୍ରକୁ ଆମେରିକାରେ ଭାରତର ରାଷ୍ଟ୍ରଦୂତ ବିନୟ କ୍ୱାତ୍ରାଙ୍କ ଦ୍ୱାରା ଆଭାସୀ ଜରିଆରେ ଉଦ୍‌ଘାଟନ କରାଯାଇଥିଲା। ଡଲାସରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ନେତୃତ୍ୱ ସ୍ଥାନୀୟ ଅଧିକାରୀ ଓ ଭାରତୀୟ ଆମେରିକୀୟ ସମ୍ପ୍ରଦାୟର ସଦସ୍ୟଙ୍କ ସହିତ ଦୂତାବାସ ମହାନିର୍ଦ୍ଦେଶକ ଡି.ସି ମଞ୍ଜୁନାଥ ନେଇଥିଲେ। ଡଲାସ ଆଇ.ସି.ଏ.ସି ହେଉଛି ସମଗ୍ର ଆମେରିକାରେ ଖୋଲାଯାଉଥିବା ୯ଟି ନୂତନ ଦୂତାବାସ ସେବା କେନ୍ଦ୍ର ମଧ୍ୟରୁ ଗୋଟିଏ। ଭାରତୀୟ ରାଷ୍ଟ୍ରଦୂତ କ୍ୱାତ୍ରା କହିଛନ୍ତି, ଏହି କେନ୍ଦ୍ରଗୁଡ଼ିକ ପ୍ରବାସୀ ଭାରତୀୟ ମାନଙ୍କୁ ଉତ୍ତମ ସେବା ପ୍ରଦାନ କରିବାର ଲକ୍ଷ୍ୟ ରଖିଛି। ନୂତନ କେନ୍ଦ୍ର ଡଲାସ ସମ୍ପ୍ରଦାୟକୁ ଅତ୍ୟାବଶ୍ୟକୀୟ ସେବା ସହଜରେ ଉପଲବ୍ଧ କରାଇବାରେ ସାହାଯ୍ୟ କରିବ ବୋଲି ଦୂତାବାସ ମହାନିର୍ଦ୍ଦେଶକ ମଞ୍ଜୁନାଥ କହିଛନ୍ତି।

# ୟୁପି ଆକ୍ସିଡେଣ୍ଟ

ଉତ୍ତରପ୍ରଦେଶରେ ଆଜି ସକାଳେ ଗୋଣ୍ଡାରେ ଏକ ସଡ଼କ ଦୁର୍ଘଟଣାରେ ଅତିକମ୍‌ରେ ୧୧ ଜଣଙ୍କର ପ୍ରାଣହାନୀ ଘଟିବା ସହ ୪ ଜଣ ଆହତ ହୋଇଛନ୍ତି। ପୁଲିସର ସୂଚନା ଅନୁସାରେ,  ୧୫ ଜଣ ଶ୍ରଦ୍ଧାଳୁଙ୍କୁ

ନେଇ ପୃଥୀନାଥ ମନ୍ଦିରକୁ ଯାଉଥିବା ଏକ ବୋଲେରୋ ନିୟନ୍ତ୍ରଣ ହରାଇ ପରାସରାଇ ଆଲାଭାଲ ଦେଓରିଆ ରାସ୍ତାର ରେହେରା ଗ୍ରାମର ସରୁ୍ୟ କେନାଲ ସେତୁ ନିକଟରେ କେନାଲରେ ପଡ଼ି ଯାଇଥିଲା । କେନାଲରୁ ୧୧ ଜଣଙ୍କର ମୃତଦେହ ଉଦ୍ଧାର ହୋଇଥିବା ନେଇ ଇଟିଆଥୋକ୍ ଥାନା ଅଧିକାରୀ ସୂଚନା ଦେଇଛନ୍ତି । ଅନ୍ୟ ଚାରିଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି । ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଦୁର୍ଘଟଣା ଉପରେ ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାର ପାଇଁ ୫ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ଘୋଷଣା କରିଛନ୍ତି ।

## ଇଣ୍ଡିଆ ଆଟ୍ ୱାର୍ଲଡ ଏକ୍ସପୋ

ଜାପାନର ଓସାକାରେ ଅନୁଷ୍ଠିତ ୱାର୍ଲଡ ଏକ୍ସପୋ-୨୦୨୫ ଅନୁଷ୍ଠିତ ହେଉଛି । ଏହି ଏକ୍ସପୋର ଶୀର୍ଷକ 'ଆମ ଜୀବନ ପାଇଁ ଭବିଷ୍ୟତ ସମାଜ ଡିଜାଇନ୍ କରିବା' । ସେଠାରେ  ଭାରତ ମଣ୍ଡପ ନାମରେ ନାମିତ ଭାରତୀୟ ପ୍ୟାଭିଲିୟନ୍‌କୁ ଗତକାଲି ୨୦ ହଜାରରୁ ଅଧିକ ପରିଦର୍ଶକ ବୁଲି ଦେଖିଛନ୍ତି । ଲୋକମାନେ ଭାରତର ସାଂସ୍କୃତିକ ଐତିହ୍ୟ, ମହାକାଶ ସଫଳତା ଏବଂ ହସ୍ତଶିଳ୍ପର ସମୃଦ୍ଧି ଦେଖିବାକୁ ଆସିଥିଲେ । ଜାପାନସ୍ଥିତ ଭାରତୀୟ ଦୂତାବାସ ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପରିଦର୍ଶକମାନେ ଏକ ଯୋଗ ଅଧିବେଶନର ଅନୁଭବ କରିଥିଲେ ବୋଲି ଉଲ୍ଲେଖ କରିଛି । ଏକ୍ସପୋର ଅନ୍ୟାନ୍ୟ ଆକର୍ଷଣ ଗୁଡ଼ିକ ମଧ୍ୟରେ ଚନ୍ଦ୍ରାୟନ ଜୋନ୍ ନାମକ ଏକ କ୍ଷେତ୍ର ଅନ୍ତର୍ଭୁକ୍ତ ରହିଛି, ଯାହା ମହାକାଶ ଅନୁସନ୍ଧାନ ଏବଂ ଚନ୍ଦ୍ର ମିଶନରେ ଭାରତର ସଫଳତାକୁ ପ୍ରଦର୍ଶିତ କରୁଛି । ଏକ ଜିଲ୍ଲା, ଏକ ଉତ୍ପାଦ ଜୋନ୍‌ରେ ଜାମ୍ମୁ-କାଶ୍ମୀରରୁ ଅଖ୍‌ରୋଟ୍ କାଠ ଖୋଦେଇ ଏବଂ ଓଡ଼ିଶାର ତାରକସି କଳା ପ୍ରଦର୍ଶିତ ହେଉଛି । ଯାହାକି ବହୁଧ୍ରୁବୀୟ

ବିଶ୍ୱରେ ଭାରତର ପଦଚିହ୍ନ ଛାଡ଼ିବା ସହ ତା'ର ସଫ୍ଟ ପାୱାରକୁ ପ୍ରଦର୍ଶନ କରୁଛି। ଏହି ବିଶ୍ୱସ୍ତରୀୟ ପ୍ରଦର୍ଶନୀ ଚଳିତ ବର୍ଷ ଅକ୍ଟୋବର ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଏକ୍ସପୋରେ ୧୬୦ରୁ ଅଧିକ ଦେଶ ଏବଂ ୯ଟି ଅନ୍ତର୍ଜାତୀୟ ସଂଗଠନ ଅଂଶଗ୍ରହଣ କରିଛନ୍ତି।

# ବିହାର- ବିଏନଲେ

ବିହାରରେ ବହୁ ପ୍ରତିକ୍ଷୀତ ବିଶ୍ୱ ପ୍ରସିଦ୍ଧ ବିହାର ସଂଗ୍ରହାଳୟ ବିଏନଲେ-୨୦୨୫ର ତୃତୀୟ ସଂସ୍କରଣ ଚଳିତ ମାସ ୭ ତାରିଖରୁ ପାଟଣାରେ ଆୟୋଜିତ ହେବ। ବିହାର ସଂଗ୍ରହାଳୟର ମହାନିର୍ଦ୍ଦେଶକ ଅଞ୍ଜନୀ କୁମାର ସିଂହ ଆକାଶବାଣୀକୁ ସୂଚନା ଦେଇ କହିଛନ୍ତି, ବିଏନଲେ-୨୦୨୫ 'ଗ୍ଲୋବାଲ ସାଉଥ୍ ସେୟାରିଂ ହିଷ୍ଟ୍ରିଜ୍' ଉପରେ କେନ୍ଦ୍ରୀତ ହେବ, ଯାହା ଲାଟିନ୍ ଆମେରିକୀୟ ଏବଂ ଏସୀୟ ଦେଶଗୁଡ଼ିକର ସଂସ୍କୃତି, ଐତିହ୍ୟ ଏବଂ ସମାଜକୁ ଅନୁସନ୍ଧାନ କରିବାର ସୁଯୋଗ ପ୍ରଦାନ କରିବ। ଇଥିଓପିଆ, ପେରୁ, ଭେନେଜୁଏଲା, ଇକ୍ୱେଡର, ମେକ୍ସିକୋ, ଆର୍ଜେଣ୍ଟିନା, ଇଣ୍ଡୋନେସିଆ, କାଜକସ୍ତାନ ଏବଂ ଅନ୍ୟାନ୍ୟ ଦେଶର କଳାକାର, ବିଶେଷଜ୍ଞମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ ବୋଲି ଶ୍ରୀ ସିଂହ କହିଛନ୍ତି।

**V/O – ANJANI-KUMAR-MUSEUM**

ବିହାର ମ୍ୟୁଜିୟମ ବିଏନଲେ-୨୦୨୫ ଆସନ୍ତା ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ସୂଚନା ମିଳିଛି।

# ରୁଷିଆ ଡ୍ରୋନ୍ ଇଣ୍ଟରସେପ୍ଟ

ଗତକାଲି ରାତିରେ ରୁଷ୍‌ର ବାୟୁ ପ୍ରତିରକ୍ଷା କଳାସାଗର ଏବଂ ଆଜୋଭ୍ ସାଗର ସମେତ ବିଭିନ୍ନ ଅଞ୍ଚଳରେ ୧୧୨ଟି ୟୁକେନୀୟ ଡ୍ରୋନ୍‌କୁ ଅଟକାଇବା ସହ ନଷ୍ଟ କରି ଦେଇଛି। ରୁଷ୍ ପ୍ରତିରକ୍ଷା ମନ୍ତ୍ରଣାଳୟର ସୂଚନା ଆଧାରରେ ସେଠାକାର ସମ୍ବାଦ ସରବରାହ ସଂସ୍ଥା ଟାସ୍ କହିଛି, ୧୧୨ଟି ୟୁକ୍ରେନୀୟ ମାନବ ବିହୀନ ଡ୍ରୋନ୍‌କୁ ଗତ ରାତିରେ ରୁଷ୍ ବାୟୁ ପ୍ରତିରକ୍ଷା ନଷ୍ଟ କରିଦେଇଛି। ଗତ ଗୁରୁବାର ରୁଷ୍ ପକ୍ଷରୁ ୟୁକ୍ରେନ ଉପରେ ସାଧାରଣ ନାଗରିକଙ୍କୁ ଲକ୍ଷ୍ୟ କରି ଜାଣିଶୁଣି ଆକ୍ରମଣ କରୁଥିବା ଅଭିଯୋଗ ହୋଇଥିଲା। ସେହି ଆକ୍ରମଣରେ ୭ ଜଣ ଲୋକ ପ୍ରାଣ ହରାଇବା ସହ ୧୨୦ରୁ ଅଧିକ ଆହତ ହୋଇଥିଲେ ବୋଲି ରୁଷ୍ କହିଥିଲା।

# ଟେବୁଲ ଟେନିସ୍

ଟେବୁଲ ଟେନିସ୍‌ରେ ବ୍ରାଜିଲର ଫୋଜ୍ ଡୋ ଇଗୁଆଚୁରେ ଅନୁଷ୍ଠିତ ଡବ୍ଲୁ.ଟି.ଟି. ଷ୍ଟାର୍ କଣ୍ଟେଣ୍ଡର-୨୦୨୫ରେ ଭାରତର ପ୍ରଭାବଶାଳୀ ଅଭିଯାନ ଜାରି ରହିଛି। ଆଜି ରାତିରେ ମାନୁଷ ଶାହ ଏବଂ ଦିଆ ଚିତାଲେ ମିକ୍ସଡ୍ ଡବଲ୍ସ ଫାଇନାଲରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ଏହି ମ୍ୟାଚ୍ ଭାରତୀୟ ସମୟ ରାତି ୯ଟାରେ ଆରମ୍ଭ ହେବାର ଆଶା କରାଯାଉଛି। ବିଶ୍ୱର ୧୦ ନମ୍ବର ସ୍ଥାନରେ ଥିବା ଶୀର୍ଷ ମାନ୍ୟତା ପ୍ରାପ୍ତ ଭାରତୀୟ ଯୋଡ଼ି କ୍ୱାର୍ଟର ଫାଇନାଲ ଏବଂ ସେମିଫାଇନାଲରେ ଚିଲି ଦଳ ବିପକ୍ଷରେ ବିଜୟ ହାସଲ କରି ଫାଇନାଲରେ ପ୍ରବେଶ କରିଛନ୍ତି। ସେମାନେ ଆଜି ଜାପାନର ସାତୋଶି ଆଇଡା ଏବଂ ହୋନୋକା ହାସିମୋଟୋଙ୍କ ଯୋଡ଼ିଙ୍କୁ ଭେଟିବେ। ପୁରୁଷ ଡବଲ୍ସରେ ଭାରତର ଶୀର୍ଷ ମାନ୍ୟତା ପ୍ରାପ୍ତ ମାନବ ଠକ୍କର ଓ

ମାନୁଷ ଶାହା ଜର୍ମାନୀର ବେନେଡିକ୍ଟ ଡୁଡା ଏବଂ ଡାଙ୍ଗ କ୍ୟୁ'ଙ୍କ ବିପକ୍ଷରେ ଫାଇନାଲରେ ୨-୩ ରେ ପରାସ୍ତ ହେବା ପରେ ରନର୍ସ ଅପ୍ ହୋଇଛନ୍ତି। ଏହି ସଂକୀର୍ଣ୍ଣ ପରାଜୟ ସତ୍ତ୍ୱେ ଡବ୍ଲ୍ୟୁ.ଟି.ଟି. ଷ୍ଟାର୍ କଣ୍ଟେଣ୍ଡର ଇଭେର୍ଟରେ ପ୍ରଥମଥର ପାଇଁ ଦୁଇଟି ଭାରତୀୟ ଡବଲ୍ସ ଦଳ ଫାଇନାଲରେ ପହଁଞ୍ଚିବା ଏକ ଐତିହାସିକ ସଫଳତା।

## କ୍ରିକେଟ

ଲଣ୍ଡନର ଓଭାଲ୍‌ଠାରେ ଖେଳାଯାଉଥିବା ଆଣ୍ଡର୍ସନ-ତେନ୍ଦୁଲ୍‌କର ଟ୍ରଫିର ପଞ୍ଚମ ତଥା ଚୂଡ଼ାନ୍ତ ଟେଷ୍ଟ ମ୍ୟାଚ୍‌ର ଚତୁର୍ଥ ଦିନରେ ଆଜି ଇଂଲଣ୍ଡ ତା'ର ଦ୍ୱିତୀୟ ଇନିଙ୍ଗ୍‌ସ ଜାରି ରଖିବ । ଭାରତୀୟ ସମୟ ଅପରାହ୍ଣ ୩ଟା ୩୦ ମିନିଟ୍‌ରେ ମ୍ୟାଚ୍ ଆରମ୍ଭ ହେବ । ବିଜୟପାଇଁ ଭାରତ ଧାର୍ଯ୍ୟ କରିଥିବା ୩୭୪ ରନ୍‌ର ପିଛା କରି ଇଂଲଣ୍ଡ ତୃତୀୟ ଦିନ ଖେଳ ଶେଷ ସୁଦ୍ଧା ଗୋଟିଏ ୱିକେଟ୍ ହରାଇ ୫୦ ରନ୍ ସ୍କୋର କରିଥିଲା ।

ଗତକାଲି ଭାରତ ତା'ର ଦ୍ୱିତୀୟ ଇନିଙ୍ଗ୍‌ସରେ ୩୯୬ ରନ୍‌ର ସ୍କୋର କରିଥିଲା । ଯଶସ୍ୱୀ ଜୟଶ୍ୱାଲ୍ ୧୧୮ ରନ୍ ଏବଂ ଆକାଶଦୀପ, ରବିନ୍ଦ୍ର ଜାଡ଼େଜା ଓ ୱାଶିଂଟନ୍ ସୁନ୍ଦରଙ୍କ ଅର୍ଦ୍ଧଶତକ ବଳରେ ଭାରତ ଉନ୍ନତ ଖେଳ ପ୍ରଦର୍ଶନ କରିଥିଲା । ଏହି ଟେଷ୍ଟ ମ୍ୟାଚ୍‌ର ପ୍ରଥମ ଇନିଙ୍ଗ୍‌ସରେ ଭାରତ ୨୨୪ ରନ୍ ସ୍କୋର କରିଥିବାବେଳେ ଇଂଲଣ୍ଡ ୨୪୭ ରନ୍ କରିଥିଲା । ତେବେ ଏହି ମ୍ୟାଚ୍ ଜିତିବା ଲାଗି ଇଂଲଣ୍ଡ ୩୨୪ ରନ୍ ଆବଶ୍ୟକ କରୁଥିବାବେଳେ ଭାରତ ୯ଟି ୱିକେଟ୍ ଆବଶ୍ୟକ କରୁଛି । ଏହି ଟେଷ୍ଟ ସିରିଜ୍‌ରେ ଭାରତ ୧-୨ରେ ପଛରେ ରହିଛି ।